# Akashvani, Sambalpur

## SAMBALPURI NEWS BULLETIN

### 16 June 2024- 6.47- 6.52 am.

********************************************

ରାଜ୍ୟ ମନ୍ତ୍ରୀ ପରିଷଦ୍ ବିଭାଗ୍ ବଂଟନ୍    ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟପାଲ୍ ରଘୁବର୍ ଦାସ୍ଙ୍କର୍ ଅନୁମୋଦନ୍ ଉତ୍ରୁ ରାଜ୍ୟ ମନ୍ତ୍ରୀ ପରିଷଦ୍ ର ସଦସ୍ୟମାନ୍କର୍ ଭିତ୍ରେ ଭିନ୍ ଭିନ୍ ବିଭାଗ୍ର ଦାୟିତ୍ୱ ବଂଟାଯାଇଛେ । ଇ ଅନ୍ସାରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୃହ, ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍, ଅର୍ଥ, ସୂଚନା ଆଉ ଲୋକସମ୍ପର୍କ, ଜଲ୍ସମ୍ପଦ୍, ଯୋଜନା ଆଉ ସଂଯୋଜନ ଆଉ ବଂଟା ନାଇଁ ହେଇଥିବାର୍ ଅଲ୍ଗା ବିଭାଗ୍ ମାନ୍କର୍ ଦାୟିତ୍ୱଥି ରହେବେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ କୃଷି ଆଉ କଷକ ସଶକ୍ତିକରଣ୍ ଆଉ ଶକ୍ତି ଆର୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମହିଳା ଆଉ ଶିଶୁବିକାଶ୍, ମିଶନ୍ଶକ୍ତି ଆର୍ ପର୍ଯ୍ୟଟନ୍ ବିଭାଗ୍ ଦିଆଯାଇଛେ ।

କେବିନେଟ୍ ମନ୍ତ୍ରୀ ସୁରେଶ୍ ପୂଜାରୀ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା, ରବିନାରାୟଣ୍ ନାଏକ୍ ଗ୍ରାମ୍ୟଉନ୍ନୟନ୍, ପଂଚାୟତ୍‌ରାଜ୍ ଆଉ ପାନୀୟଜଳ, ନିତ୍ୟାନନ୍ଦ ଗଣ୍ଡ- ବିଦ୍ୟାଳୟ ଆଉ ଗଣଶିକ୍ଷା, ଅନୁସୂଚିତ ଜନଜାତି ଆଉ ଅନୁସୂଚିତ ଜାତି ବିକାଶ୍, ସଂଖ୍ୟାଲଘୁ ଆର୍ ପଛୁଆବର୍ଗ କଲ୍ୟାଣ୍, ସାମାଜିକ ସୁରକ୍ଷା ଆର୍ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ପାଇଛନ୍ ।

କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଖାଦ୍ୟ ଆଉ ଯୋଗାଣ, ଖାଉଟି କଲ୍ୟାଣ୍, ବିଜ୍ଞାନ୍ ଆଉ ପ୍ରଯୁକ୍ତିବିଦ୍ୟା ବିଭାଗ୍, ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କୁ ଆଇନ୍, ପୂର୍ତ୍ତ ଆଉ ଅବକାରୀ ବିଭାଗ୍, ମୁକେଶ୍ ମହାଲିଙ୍ଗ୍‌ଙ୍କୁ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍, ସଂସଦୀୟ ବ୍ୟାପାର୍, ସୂଚନା ଆଉ ପ୍ରଯୁକ୍ତିବିଦ୍ୟା ବିଭାଗ୍, ବିଭୂତି ଭୂଷଣ୍ ଜେନାଙ୍କୁ ବାଣିଜ୍ୟ ଆଉ ପରିବହନ୍, ଇସ୍ପାତ୍ ଆଉ ଖଣି ବିଭାଗ୍ ଆର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଗୃହ ନିର୍ମାଣ, ନଗର୍ ଉନ୍ନୟନ୍ ଆଉ ସାଧାରଣ ଉଦ୍ୟୋଗ ବିଭାଗ୍ ଦିଆଯାଇଛେ ।

ରାଷ୍ଟ୍ରମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆଙ୍କୁ ଜଙ୍ଗଲ୍ ପରିବେଶ୍, ଜଲ୍‌ବାୟୁ ପରିବର୍ତ୍ତନ୍, ଶ୍ରମ ଆର୍ କର୍ମଚାରୀ ଇଏସ୍‌ଆଇ ବିଭାଗ୍, ସୂର୍ଯ୍ୟବଂଶୀ ସୁରଜ୍‌ଙ୍କୁ ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବବ୍ୟାପାର୍, ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ବିଭାଗ୍, ପ୍ରଦୀପ ବଲସାମନ୍ତଙ୍କୁ ସମବାୟ, ହସ୍ତତନ୍ତ, ବୟନ ଆଉ

ହସ୍ତଶିଳ୍ପ ବିଭାଗ୍, ଗୋକୁଳାନନ୍ଦ ମଲ୍ଲିକଙ୍କୁ ମତ୍ସ୍ୟ ଆଉ ପଶୁସମ୍ପଦ୍ ବିକାଶ୍ ଆଉ ଏମ୍ଏସ୍ଏମ୍ଇ ଶିଳ୍ପ ବିଭାଗ୍ର ଦାୟିତ୍ୱ ଦିଆଯାଇଛେ । ସେନ୍ତା ସମ୍ପଦ୍ ଚନ୍ଦ୍ର ସ୍ୱାଇଁଙ୍କୁ ଶିଳ୍ପ ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍ ମିଳିଛେ ।

ଆଘର୍ ରାଜ୍ୟପାଲ୍- ମୁରଲୀଧର୍ ଚନ୍ଦ୍ରକାନ୍ତ ଭଣ୍ଡାରେ

ଆର୍ଏନ୍ୟୁ /ସମ୍ବଲପୁର

ଓଡ଼ିଶାର୍ ଆଘର୍ ରାଜ୍ୟପାଲ୍ ଆଉ ବିଶିଷ୍ଟ ରାଜନେତା ମୁରଲୀଧର୍ ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କର୍ ଗଲାକାଏଲ୍ ପରଲୋକ ହେଇଯାଇଛେ । ମୃତ୍ୟୁ ସମିଆଥି ତାହାକୁ ୯୬ ବଛର୍ ବୟେସ୍ ହେଇଥିଲା । ମହାରାଷ୍ଟ୍ର ନ ଜନମ୍ ନେଇଥିବା ମୁରଲୀଧର୍ ଚନ୍ଦ୍ରକାନ୍ତ ଭଣ୍ଡାରେ ୨୦୦୭ ଅଗଷ୍ଟ ମାସର୍ ୨୧ ତାରିଖ୍ନୁ ୨୦୧୩ ମାର୍ଚ୍ଚ ୯ ତାରିଖ୍ତକ୍ ଓଡ଼ିଶାର୍ ରାଜ୍ୟପାଲ୍ ଥିଲେ । ତାଙ୍କର୍ ବିୟୋଗ୍ଥି ରାଜ୍ୟପାଲ୍ ରଘୁବର୍ ଦାସ ଶୋକପ୍ରକାଶ୍ କରିଛନ୍ । ଅମର୍ ଆତ୍ମାର୍ ସଦ୍ଗତି ଲାଗି ପ୍ରାର୍ଥନା କର୍ବାର୍ ସହେତେ ଶୋକସନ୍ତପ୍ତ ପରିବାର୍ ବର୍ଗଙ୍କୁ ରାଜ୍ୟପାଲ୍ ସମବେଦନା ଜନେଇଛନ୍ ।

ହେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ଶୋକବାର୍ତାଥି କହିଛନ୍ ଯେ, ରାଜ୍ୟପାଲ୍ ଥିଲା ବେଲେ ସ୍ୱର୍ଗତ ଭଣ୍ଡାରେଙ୍କର୍

ଅବଦାନ୍ ମହତ୍ୱପୂର୍ଣ୍ଣ ଥିଲା । ତାଙ୍କର୍ ଦେହାନ୍ତ ବିଷେ ଶୁନିକରି ମର୍ମାହତ ଆନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ୍-ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସମ୍ବଲପୁର୍ ଲୋକ୍‌ସଭା ଆସନ୍‌ନୁ ସାଂସଦ୍ ନିର୍ବାଚିତ୍ ହେଇକରି ଫେର୍‌ଘାଏ ଶିକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ପାଏବାର୍ ଉତ୍‌ରୁ ଗଲାକାଏଲ୍ ସମ୍ବଲ୍‌ପୁର୍ ଗସ୍ତ୍‌ଥି ଆସିକରି ଅଧିଷ୍ଠାତ୍ରୀ ମା ସମଲେଶ୍ୱରୀଙ୍କର୍ ଦର୍ଶନ୍ କରିଛନ୍ । ଇ ଉଲ୍‌ଗୁନେ କେନ୍ଦ୍ରମନ୍ତ୍ରୀ କହିଛନ୍ ଯେ, ସମ୍ବଲ୍‌ପୁର୍‌କେ ଗୁଟେ ଆଗୁଆ ଅଂଚଲ୍ ଭାବେ ଗଢ଼୍‌ବାରଟା ମୋର୍ ସଂକଳ୍ପ ଆଏ । ସମ୍ବଲ୍‌ପୁର୍‌କେ ଜ୍ଞାନ ଅର୍ଥନୀତିର ପେଣ୍ଠସ୍ଥଲୀ କର୍‌ବାର୍ ଲାଗି ସଭେ ମିଶିକରି ଉଦ୍ୟମ୍ କର୍‌ମା । ମା'ଙ୍କର୍ କରୁଣା ସମ୍ବଲ୍‌ପୁର୍ ସହେତେ ପୁର୍‌ଥି ବାସୀଙ୍କର୍ ଉପ୍‌ରେ ରହୁ ବଲି ଶ୍ରୀ ପ୍ରଧାନ୍ କାମନା କରିଛନ୍ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଆଏଜ୍ ସମ୍ବଲ୍‌ପୁର୍‌ର ମାନେଶ୍ୱର୍ ମାନ୍‌ଧାତା ବାବା ମନ୍ଦିର୍, ଜିଲ୍ଲା ସ୍କୁଲ୍ ଛକ୍‌ର ରାମ୍ ମନ୍ଦିର୍, ଝାଡୁଆପଡ଼ାର୍ ବ୍ରହ୍ମପୁରା, ନନ୍ଦପଡ଼ାର୍ ବମ୍‌ବରାଡ଼ ବାଲୁଙ୍କେଶ୍ୱର୍

ଆଉ ମନ୍ଦଲିଆର୍ ଅନୋଖା ଶ୍ରୀ ଶ୍ୟାମ୍ ମନ୍ଦିର୍‌କେ ଯାଇକରି ଦର୍ଶନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଲିମ୍‌କା ବୁକ୍ ଅଫ୍ ରେକଡସ୍- ଭାରତୀୟ ରେଲ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ବହୁତ୍‌ଟେ ଜାଗା ନ ଆୟୋଜନ୍ କରାଯାଇଥିବା ଗୁଟେ ଜନସେବା କାର୍ଯ୍ୟକ୍ରମ୍ ନ ସବୁନୁ ଅଏତ୍‌କା ଲୁକ୍‌କୁ ଏକତ୍ରିତ୍ କର୍‌ବାର୍ ଲାଗି ଭାରତୀୟ ରେଲ୍ ମନ୍ତ୍ରଣାଳୟକେ ଲିମ୍‌କା ବୁକ୍ ଅଫ୍ ରେକଡ଼ସ୍‌ଥି ଠାନ୍ ମିଳିଛେ । ରେଲ୍ ମନ୍ତ୍ରଣାଳୟ ଗଲା ଫେବୃଆରୀ ୨୬ ତାରିଖ ଦିନ ଗୁଟେ କାର୍ଯ୍ୟକ୍ରମ୍ ଆୟୋଜନ୍ କରିଥିଲା । ଇଥି ୨ ହଜାର୍ ଶହେ ୪୦ ଟା ଜାଗା ନ ୪୦ ଲାଖ୍ ୧୯ ହଜାର୍ ୫ ଶହ ୧୬ ଝନ୍ ଲୋକ୍ ଯୋଗ୍ ଦେଇଥିଲେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ରେଲ୍ ଓଭର୍‌ବ୍ରିଜ୍ ଆଉ ରେଲ୍ ଅଣ୍ଡରବ୍ରିଜ୍ ଉଦ୍‌ଘାଟନ୍ ଆଉ ରେଲ୍‌ଷ୍ଟେସନ୍‌ର ଶିଳାନ୍ୟାସ୍ ଲାଗି ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଥିଲା ।

ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ୍- ନାଁଲେଖା ଆର୍‌ଏନ୍‌ୟୁ /ସମ୍ବଲପୁର

ଜାତୀୟ ଶିକ୍ଷକ୍ ଅନୁସନ୍ଧାନ୍ ଆଉ ପ୍ରଶିକ୍ଷଣ୍ ପ୍ରତିଷ୍ଠାନ୍‌ର ଆଂଚଲିକ୍ ଶିକ୍ଷା ପ୍ରତିଷ୍ଠାନ୍‌ଥି ବିଏଡ୍, ଏମ୍‌ଏଡ୍, ବିଏ ବିଏଡ୍ , ବିଏସ୍‌ସି ବିଇଡ୍, ଏମ୍‌ଏସ୍‌ସିଇଡି ନାଁଲେଖା ଲାଗି ଆଏଜ୍ ପ୍ରବେଶିକା ପରୀକ୍ଷା ହେବା । ଦେଶର୍ ୨୯ ଟା ସହରର୍ ୫୮ ଟା କେନ୍ଦ୍ର ନ ସର୍ବଭାରତୀୟ ଚୟନ ପ୍ରକ୍ରିୟା ସିଇଇ -୨୦୨୪ କରାଯିବା । ସଖାଲର୍ ୯ ବଜେନୁ ୧୧ ବଜେତକ୍ ହେବାର୍‌କେ ଥିବାର୍ ଇ ପରୀକ୍ଷାଥି ୧୯ ହଜାର୍ ୫ ଶହ ୪୭ ଝନ୍ ପରୀକ୍ଷାର୍ଥୀ ରହିଛନ୍ । ଓଡ଼ିଶାର୍ ୫ ଟା ପରୀକ୍ଷା କେନ୍ଦ୍ର ନ ପରୀକ୍ଷା କରାଯିବା ।

ପିତୃ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ପିତୃ ଦିବସ୍ । 'ପିତୃ ଧର୍ମଃ ପିତା ସ୍ୱର୍ଗଃ ପିତା ହିଁ ପରମଂ ତପଃ, ପତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ' । ଆମର୍ ଭାରତୀୟ ସଂସ୍କୃତିଥି ପରିବାର୍ ନ ପିତାଙ୍କୁ ସବୁଠାନୁ ଉଚ୍ଚ ଆସନ୍ ଦିଆଯାଇଛେ । ବାପା ମାନ୍‌କୁ ସମ୍ମାନ୍ ଜନେଇକରି ଫି ବଛର୍ ଜୁନ୍ ମାସର୍ ୩ ନମ୍ବର୍ ରଏବାର୍‌କେ ପିତୃଦିବସ୍ ଭାବେ ପାଲନ୍ କରାଯାଏସି । ମା ପୃଥିବୀ ହେଲେ ପିତା ହେଉଛନ୍ ଆକାଶ୍ ।

ଝନେ ଛୁଆ ହିଁ ତାର୍ ବାପାକେ ଆଦର୍ଶ ଭାବେ ଦେଖିଥିସି । ବାପା ହିଁ ଛୁଆ ଲାଗି ଝନେ ସୁପର୍ ହିରୋର ଉଦାହରଣ୍ ହେସନ୍ ।

ପାଣିପାଗ ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଗଲାକାଏଲ୍‌ତକ୍ ଜବର୍ ତାତି ଜାରି ରହିଥିବାର୍ ବେଲେ ଡେରିରାତିନୁ ଧୁକାଧନ୍ଦି ଆର୍ ବିଜ୍‌ଲି ସହେତେ ବର୍ଷା ହେବାର୍‌ନୁ ଆଏଜ୍ ପାଗ୍ ଟିକେ ବଦ୍‌ଲିଛେ । ଆଏବା କାଏଲ୍‌ନୁ ରାଜ୍ୟର୍ ବହୁତ୍‌ଟେ ଜାଗାନୁ ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଇଛେ ।